ବାପୁ ମହାଡୁ ମାଲି ଏବଂ ଅନ୍ୟମାନେ

*ବନାମ*

ପି. ବିଠଲରାଓ ଭାଉସାହେବ ଦେଶମୁଖ ଏବଂ ଅନ୍ୟଜଣେ

2 ନଭେମ୍ବର, 1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଦଖଲ ପାଇଁ ମକଦ୍ଦମା - ପ୍ରତିଦ୍ୱନ୍ଦ୍ୱୀ ଉତ୍ତରାଧିକାରୀଙ୍କ ସପକ୍ଷରେ ବିଚାରାଦେଶ - 12 ବର୍ଷରୁ ଅଧିକ ସମୟ ଧରି ଦଖଲରେ ରହିଥିଲା - ପ୍ରତିକୂଳ ଦଖଲ ଦ୍ୱାରା ନିର୍ଦ୍ଧାରିତ ସ୍ୱତ୍ୱ - ପ୍ରତିଦ୍ୱନ୍ଦ୍ୱୀ ଉତ୍ତରାଧିକାରୀଙ୍କ ସହ ଭଡ଼ାଟିଆ ଚୁକ୍ତି - ତେଣୁ ଅନ୍ୟ ପକ୍ଷ ଜମିଦାରମାନଙ୍କୁ ମାଲିକାନା ଅଧିକାର ପ୍ରତ୍ୟାଖ୍ୟାନ କରିବାରୁ ବାରଣ କଲେ - ନିମ୍ନ ନ୍ୟାୟାଳୟଗୁଡ଼ିକ ନିକଟରେ ସ୍ଥାପିତ କରାଯାଇନଥିବା ଯୁକ୍ତି - ପ୍ରଥମ ଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଉତ୍ଥାପିତ ହୋଇଥିଲା - କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଉପସ୍ଥାପିତ ହୋଇନଥିଲା, ତେଣୁ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।*

*ବମ୍ବେ ଭଡ଼ାଟିଆ ଏବଂ କୃଷି ଜମି ଅଧିନିୟମ, 1948:*

***ଧାରା 31 - ଏହାର ପ୍ରଯୁଜ୍ୟତା ।***

**ପ୍ରତିଦ୍ୱନ୍ଦ୍ୱୀ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଦଖଲ ପାଇଁ ଏକ ମକଦ୍ଦମାରେ, ଅପିଲକାରୀ-ଜମି ମାଲିକମାନେ ପ୍ରତିବାଦୀ ଥିଲେ । ଅପିଲକାରୀମାନଙ୍କ ବିରୁଦ୍ଧରେ ଏହି ମକଦ୍ଦମା ବିଚାରାଦେଶ କରାଯାଇଥିଲା କାରଣ ଉତ୍ତରଦାତାମାନେ 12 ବର୍ଷରୁ ଅଧିକ ସମୟ ଧରି ଦଖଲରେ ରହିଥିଲେ ଏବଂ ସେମାନେ ପ୍ରତିକୂଳ ଦଖଲ ଦ୍ୱାରା ମାଲିକାନା ନିର୍ଦ୍ଧାରିତ କରିଥିଲେ । ଅପିଲକାରୀମାନେ ଉତ୍ତରଦାତାମାନଙ୍କ ସହିତ ଏକ ଭଡ଼ାଟିଆ ଚୁକ୍ତି କରିଥିବାରୁ ଜମି ମାଲିକମାନଙ୍କୁ ମାଲିକାନା ଅଧିକାରରୁ ବଞ୍ଚିତ କରିବା ପାଇଁ ପ୍ରମାଣ ଅଧିନିୟମର ଧାରା 116 ଅନୁଯାୟୀ ସେମାନଙ୍କୁ ବାରଣ କରାଯାଇଥିଲା । ତେଣୁ, ନିମ୍ନ ଅଦାଲତଗୁଡ଼ିକରେ ସଫଳ ହେବାରେ ଅସମର୍ଥ ହୋଇ, ଅପିଲକାରୀମାନେ ବିଶେଷ ଅନୁମତି ଦ୍ୱାରା ବର୍ତ୍ତମାନର ଅପିଲକୁ ଗ୍ରହଣ କରିଥିଲେ ।**

**ଅପିଲକୁ ଖାରଜ କରି, ଏହି ଅଦାଲତ**

**ନିର୍ଣ୍ଣୟ କରିଥିଲେ: ଏହି ଯୁକ୍ତି ଯେ ଯେତେବେଳେ ୱତନ ଉଚ୍ଛେଦ ହେବା ପରେ ଅପିଲକାରୀମାନଙ୍କୁ ନଜରାନା ପଇଠ କରିବା ପାଇଁ ଏକ ଅଧିସୂଚନା ଜାରି କରାଯାଇଥିଲା, ସେତେବେଳେ ଅପିଲକାରୀମାନେ ସେହି ଅର୍ଥ ପଇଠ କରିଥିଲେ ଏବଂ ସେହି ଅନୁଯାୟୀ ସେମାନେ ଦଖଲରେ ରହିବାକୁ ହକଦାର ହୋଇଥିଲେ ଏବଂ ବମ୍ବେ ଭଡ଼ାଟିଆ ଏବଂ କୃଷି ଜମି ଅଧିନିୟମ, 1948 ର ଧାରା 31ରେ କୌଣସି ପ୍ରଯୁଜ୍ୟତା ନାହିଁ, ଯାହା ଅପିଲୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ସିଦ୍ଧାନ୍ତକୁ ଲିପିବଦ୍ଧ କରି ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ଉତ୍ତରଦାତାମାନେ ନଜରାନା ପଇଠ କରିଥିଲେ କିନ୍ତୁ ଏହି ସିଦ୍ଧାନ୍ତକୁ ରାଜସ୍ୱ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ନିର୍ଣ୍ଣୟ କରାଯାଇ ନଥିଲା । ଅପିଲକାରୀମାନେ ନଜରାନା ଅର୍ଥ ପଇଠ କରିଥିଲେ ବୋଲି ଦର୍ଶାଇବା ପାଇଁ ଏହି ଅଦାଲତରେ କୌଣସି ଦୃଢ ପ୍ରମାଣ ଉପସ୍ଥାପନ କରାଯାଇ ନାହିଁ । ତେଣୁ ଏହି ଯୁକ୍ତିର କୌଣସି ଯଥାର୍ଥତା ନାହିଁ ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 10420/1995 ।

W.P. ସଂଖ୍ୟା 1730/1983ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 21.6.83 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପକ୍ଷରୁ ଭି. ଏନ୍. ଗଣପୁଲେ ଏବଂ ଏ. ଏସ୍. ଭାସ୍ମେ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଯତୀନ୍ଦର ଶର୍ମା ଏବଂ ଏ. ଏମ୍. ଖାନୱିଲକର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଏହି ଅପିଲରେ ହସ୍ତକ୍ଷେପ କରିବାର ଆମେ କୌଣସି ଯଥାର୍ଥତା ପାଉନାହୁଁ ।

ରାଜସ୍ୱ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ସ୍ୱତ୍ୱ ଏକମାତ୍ର ପ୍ରସଙ୍ଗ ଥିଲା । ଯୁକ୍ତିଯୁକ୍ତ କାରଣ ପାଇଁ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ସ୍ପଷ୍ଟତଃ, ପ୍ରତିଦ୍ୱନ୍ଦ୍ୱୀ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଦଖଲ ପାଇଁ ଏକ ମକଦ୍ଦମା ଥିଲା । ଅପିଲକାରୀ-ଜମି ମାଲିକମାନେ ଏହି ମକଦ୍ଦମାରେ ପ୍ରତିବାଦୀ ଥିଲେ । ଜମି ମାଲିକ-

ଅପିଲକାରୀମାନଙ୍କ ବିରୋଧରେ ମକଦ୍ଦମା ଶେଷ ହୋଇଥିଲା ଏବଂ ତାହାଦ୍ୱାରା ଉତ୍ତରାଧିକାରୀଙ୍କ ଅନ୍ୟ ପକ୍ଷ ସହିତ ସ୍ୱତ୍ୱ ରହିଥିଲା । ଯେହେତୁ ଉତ୍ତରଦାତାମାନେ 12 ବର୍ଷରୁ ଅଧିକ ସମୟ ଧରି ଦଖଲରେ ରହିଥିଲେ, ସେମାନେ ପ୍ରତିକୂଳ ଦଖଲ ଦ୍ୱାରା ମାଲିକାନା ନିର୍ଦ୍ଧାରିତ କରିଛନ୍ତି । ଏହା ବ୍ୟତୀତ, ଅପିଲକାରୀମାନେ ଉତ୍ତରଦାତାମାନଙ୍କ ସହିତ ଏକ ଭଡ଼ାଟିଆ ଚୁକ୍ତି କରିଥିବାରୁ ଜମି ମାଲିକଙ୍କ ଅଧିକାରକୁ ଅସ୍ୱୀକାର କରିବା ପାଇଁ ପ୍ରମାଣ ଅଧିନିୟମର ଧାରା 116 ଅନୁଯାୟୀ ସେମାନଙ୍କୁ ବାରଣ କରାଯାଇଛି । ସମ୍ମୁଖରେ ଏହି ଅସୁବିଧାଗୁଡ଼ିକର ମୁକାବିଲା କରି, ଅପିଲକାରୀମାନଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଭି. ଏନ୍. ଗଣପୁଲେ ଯୁକ୍ତି ବାଢ଼ିଥିଲେ ଯେ ଯେତେବେଳେ ୱତନ ଉଚ୍ଛେଦ ହେବା ପରେ ଅପିଲକାରୀମାନଙ୍କୁ ନଜରାନା ପଇଠ କରିବା ପାଇଁ ଏକ ଅଧିସୂଚନା ଜାରି କରାଯାଇଥିଲା, ସେତେବେଳେ ଅପିଲକାରୀମାନେ ସେହି ଅର୍ଥ ପଇଠ କରିଥିଲେ ଏବଂ ସେହି ଅନୁଯାୟୀ ସେମାନେ ଦଖଲରେ ରହିବାକୁ ହକଦାର ହୋଇଥିଲେ ଏବଂ ବମ୍ବେ ଭଡ଼ାଟିଆ ଏବଂ କୃଷି ଜମି ଅଧିନିୟମ, 1948 ର ଧାରା 31ର କୌଣସି ପ୍ରଯୁଜ୍ୟତା ନାହିଁ । ଏହି ଯୁକ୍ତିକୁ ଅପିଲୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ସିଦ୍ଧାନ୍ତକୁ ଲିପିବଦ୍ଧ କରି ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ଉତ୍ତରଦାତାମାନେ ନଜରାନା ପଇଠ କରିଥିଲେ କିନ୍ତୁ ଏହି ସିଦ୍ଧାନ୍ତକୁ ରାଜସ୍ୱ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଉପସ୍ଥାପନ କରାଯାଇ ନଥିଲା । ଅପିଲକାରୀମାନେ ନଜରାନା ଅର୍ଥ ପଇଠ କରିଥିଲେ ବୋଲି ଦର୍ଶାଇବା ପାଇଁ ଏହି ଅଦାଲତରେ କୌଣସି ଦୃଢ ପ୍ରମାଣ ଉପସ୍ଥାପନ କରାଯାଇ ନାହିଁ । ତେଣୁ ଏହି ଯୁକ୍ତିର କୌଣସି ଯଥାର୍ଥତା ନାହିଁ ।

ତଦନୁସାରେ ଉକ୍ତ ଦେୱାନୀ ଅପିଲ ବିନା ଖର୍ଚ୍ଚରେ ଖାରଜ ହୋଇଛି ।

ଜି. ଏନ୍.

ଅପିଲ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ